**ମେସର୍ସ ଜବଲପୁର ଟ୍ରାକ୍ଟର୍ସର ମାଲିକ**

**ବନାମ**

**ସେଡମାଲ୍ ଜୈନାରାଇନ୍ ଏବଂ ଅନ୍ୟଜଣେ**

**ଅକ୍ଟୋବର 30, 1995**

**[କେ. ରାମାସ୍ୱାମୀ ଏବଂ ବି. ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]**

*ଖାଉଟି ସୁରକ୍ଷା ଅଧିନିୟମ, 1985:*

*ଖାଉଟି ବିବାଦ ସମାଧାନ ମଞ୍ଚ - ଏହାର ଅଧିକାରିତା - ଗ୍ୟାରେଜ୍ ଖର୍ଚ୍ଚର ଦାବି - କ୍ଷମତାପ୍ରାପ୍ତ ଦେୱାନୀ ନ୍ୟାୟାଳୟଙ୍କ ନିକଟରେ ବିଚାରାଧୀନ ମକଦ୍ଦମା - ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଆଦେଶ - ଉତ୍ତରଦାତାଙ୍କୁ କାର୍ ର ଦଖଲ ହସ୍ତାନ୍ତର କରିବାକୁ ଆୟୋଗଙ୍କ ନିର୍ଦ୍ଦେଶ - ନ୍ୟାୟସଙ୍ଗତ ନୁହେଁ ବୋଲି ନିର୍ଣ୍ଣୟ ନିଆଯାଇଥିଲା ।*

**ଏକ ଗ୍ୟାରେଜ୍ ଖର୍ଚ୍ଚର ଦାବି ସମ୍ବନ୍ଧରେ ରାଜ୍ୟ ଖାଉଟି ମଞ୍ଚ ନିର୍ଣ୍ଣୟ ନେଇଥିଲେ ଯେ ଏହି ଦାବି ସମ୍ବନ୍ଧରେ ବିଚାର କରାଯାଇପାରିବ ନାହିଁ କାରଣ ମାମଲାଟି ପୂର୍ବରୁ ବିଚାରାଧୀନ ଥିଲା ଏବଂ କ୍ଷମତାପ୍ରାପ୍ତ ଦେୱାନୀ ନ୍ୟାୟାଳୟଙ୍କ ନିକଟରେ ବିଚାରାଧୀନ ଥିଲା । ତେବେ, ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ମଞ୍ଚ କାର୍ ର ଦଖଲକୁ ଉତ୍ତରଦାତାଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ୟାରେଜ୍ ମାଲିକଙ୍କ ଅପିଲକୁ ମଞ୍ଜୁରୀ ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: ଖାଉଟି ସୁରକ୍ଷା ଅଧିନିୟମ, 1985 ଅନ୍ୟ କୌଣସି ଆଇନର ଅବମାନନା କରେ ନାହିଁ । ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି, ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗ କାର୍ ର ଦଖଲକୁ ଉତ୍ତରଦାତାଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେବା ନ୍ୟାୟସଙ୍ଗତ ନଥିଲା । [562- B]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 9928/1995 ।

ଏଫ୍. ଏ. ସଂଖ୍ୟା 239/1991 ରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଦିନାଙ୍କ 18.2.93 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଆର୍. ମୋହନ ଏବଂ ଭି. ଜି. ପ୍ରଗସମ ।

ଉତ୍ତରଦାତା ସଂଖ୍ୟା 1 ଙ୍କ ତରଫରୁ ବି. କେ. ସତୀଜା ଏବଂ ୱାଇ. ପି. ଧିଙ୍ଗ୍ରା ।

ଉତ୍ତରଦାତା ସଂଖ୍ୟା 2 ଙ୍କ ତରଫରୁ ବିଷ୍ଣୁ ମେହେରା ଏବଂ କେ. ଏମ. କେ. ନାୟର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଗ୍ୟାରେଜ୍ ଖର୍ଚ୍ଚର ଦାବି ସମ୍ବନ୍ଧରେ, ଜବଲପୁର ଜିଲ୍ଲା ବିଚାରପତିଙ୍କ ନ୍ୟାୟାଳୟର ତୃତୀୟ ଅତିରିକ୍ତ ବିଚାରପତିଙ୍କ ଫାଇଲରେ ସି. ଏସ୍. ସଂଖ୍ୟା 49-B/1990 ଫଏସଲା ନିମନ୍ତେ ବିଚାରାଧୀନ ଅଛି । ରାଜ୍ୟ ଖାଉଟି ମଞ୍ଚ ମଧ୍ୟ ଏହାର ଆଦେଶର ଅନୁଚ୍ଛେଦ 26 ରେ ଏହା ଲକ୍ଷ୍ୟ କରିଥିଲା ଏବଂ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲା ଯେ ମେସର୍ସ ଜବଲପୁର ଟ୍ରାକ୍ଟର୍ସ ଦ୍ୱାରା ଗ୍ୟାରେଜ୍ ଖର୍ଚ୍ଚ ଭାବରେ ଦାବି କରାଯାଇଥିବା ପରିମାଣ ହେଉଛି 18,000 ଟଙ୍କା ଏବଂ ଏହା ଉପରେ ବିଚାର କରାଯାଇପାରିବ ନାହିଁ କାରଣ ଏହି ମାମଲାଟି ପୂର୍ବରୁ ବିଚାରାଧୀନ ଅଛି ଏବଂ କ୍ଷମତାପ୍ରାପ୍ତ ଦେୱାନୀ ନ୍ୟାୟାଳୟଙ୍କ ନିକଟରେ ବିଚାରାଧୀନ ଅଛି । ଖାଉଟି ସୁରକ୍ଷା ଅଧିନିୟମ, 1985 ଅନ୍ୟ କୌଣସି ଆଇନର ଅବମାନନା କରେ ନାହିଁ । ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି, ଆକ୍ଷେପିତ ଆଦେଶଟିରେ ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗ କାର୍ ର ଦଖଲକୁ ଉତ୍ତରଦାତାଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେବା ନ୍ୟାୟସଙ୍ଗତ ନଥିଲା ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି ଏବଂ ଗ୍ୟାରେଜ୍ ଖର୍ଚ୍ଚ ସମ୍ବନ୍ଧରେ ପ୍ରଥମ ଅପିଲ ସଂଖ୍ୟା 239/1991 ରେ ରାଷ୍ଟ୍ରୀୟ ମଞ୍ଚଙ୍କ ଦିନାଙ୍କ 18.02.1993 ର ଆଦେଶକୁ ବାତିଲ କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**